# ତହସିଲଦାରଙ୍କ କାର୍ଯ୍ୟାଳୟ, ବୀରମିତ୍ରପୁର

## ସଂଶୋଧିତଲଘୁ ଖଣିଜ ଲିଜ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା 1839 ତାରିଖ 14-08-2020

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବୀରମିତ୍ରପୁର ତହସିଲ ଅଧିନସ୍ତ ୧ (ଏକ) ଗୋଟି ଲଘୁ ଖଣିଜ ଖାଦାନର ବନ୍ଦୋବସ୍ତ ନେଇ ନିଲାମ ବିଜ୍ଞପ୍ତି ସଂଖ୍ୟା ୧୮୧୯ ତା· ୧୨·୦୮·୨୦୨୦ ରେ ଆବେଦନକାରୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଏଥିରେ ଆବେଦନ କାରୀଙ୍କ ଠାରୁ ଲିଜ ଦରଖାସ୍ତ ସହିତ Solvency Certificate କିମ୍ବା Bank Buarantee/IT returns ଦାଖଲ କରିବା ପାଇଁ କୁହାଯାଇଥିଲା, ଯାହା ବିଜ୍ଞପ୍ତିର ପ୍ରଥମ ପୃଷ୍ଠାର କ୍ର· ନଂ· ୪ ରେ ଦିଆଯାଇଅଛି । ଏହାକୁ ସଂଶୋଧନ କରାଯାଇ ଏହି କ୍ରମିକ ନଂ· ୪ କୁ ନିମ୍ନମତେ ପଢିବା ହେବେ ।

**୪· ଆବେଦନକାରୀ ୧ ବର୍ଷ ନିମନ୍ତେ ନିର୍ଧାରିତ ସର୍ବ ନିମ୍ନ ପ୍ରତ୍ୟାଭୂତପରିମାଣର (Minimum Guaranted Quantity ) ଲଘୁ ଖଣିଜତ ଦ୍ରବ୍ୟ ପାଇଁ ଦେବାକୁ ଥିବା ରୟାଲଟି (Royalty ) ଓ ସଂପୃକ୍ତ ଆବେଦନ କାରୀଙ୍କ ଦ୍ୱାରା ଆବେଦିତ ଅତିରିକ୍ତ ଦେୟ (Additional Charge ) ପରିମାଣର ଏକ ଶୋଦକ୍ଷମତା ପ୍ରମାଣ ପତ୍ର (Solvency Certificate) କିମ୍ବା ଅଠର ମାସ ନିମନ୍ତେ ସଂପୃକ୍ତ ରାଶିର ଏକ ବ୍ୟାଙ୍କ ପ୍ରତ୍ୟାଭୂତ (Bank Guarantee) ଦାଖଲ କରିବା ହେବ । ଏହାସହିତ ଆବେଦନକାରୀ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ ସ୍ଥାବର ସଂପତ୍ତି ର ବିବରଣୀ ଦାଖଲ କରିବେ ।**

ଏହା ବ୍ୟତିତ ସମସ୍ତ ବିବରଣୀ କାୟମ ରହିବ ।

ତହସିଲଦାର, ବୀରମିତ୍ରପୁର
୧୪.୦୮.୨୦

ଜ୍ଞାପକ ସଂଖ୍ୟା 1840 ତା 14-08-2020

ଏହାର ଏକକିତା ନକଲ ଓ ଫାରମ-ଡ ( Form-M ) ର କପି ସହ ତହସିଲଦାର ବୀରମିତ୍ରପୁର / କୁଆରମୁଣ୍ଡା କାର୍ଯ୍ୟାଳୟ ନୋଟିସ ବୋର୍ଡ . /ବୀରମିତ୍ରପୁର ତହସିଲ ପରିଷଦଭୁକ୍ତ ସମସ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ./ ଜିଲ୍ଲାପାଳ ସୁନ୍ଦରଗଡ. /ଅତିରିକ୍ତ ଜିଲ୍ଲାପାଳ ସୁନ୍ଦରଗଡ./ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସୁନ୍ଦରଗଡ. / ଉପ-ଜିଲ୍ଲାପାଳ ପାନପୋଷ./ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଏବଂ ଗୃହ ନିର୍ମାଣ ରାଉରକେଲା./ ନିର୍ବାହୀ ଅଧିକାରୀ ବୀରମିତ୍ରପୁର ମ୍ୟୁନିସିପାଲିଟି ./ ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ /ସଂପୃକ୍ତ ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

ଏହାର ଏକକିତା ଲେଖାଏଁ ନକଲ ସଂପୃକ୍ତ ମୌଜାରେ ସର୍ବସାଧାରଣଙ୍କ ର ଅବଗତି ପାଇଁ ଜାରି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବୀରମିତ୍ରପୁର
୧୪.୦୮.୨୦

ଜ୍ଞାପକ ସଂଖ୍ୟା 1841 ତା 14-08-2020

ଏହାର ଏକକିତା ନକଲ ଓ ପାରମ-ଡ ( Form-M ) ର କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ ସୁନ୍ଦରଗଡଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ତାଙ୍କୁ ଅନୁରୋଧ କରାଯାଉ ଅଛିକି ଏହି ବିଜ୍ଞପ୍ତିକୁ ସେ ଜିଲ୍ଲା ୱେବସାଇଟ ରେ (www.sundargarh.nic.co.in ) ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ ।

ତହସିଲଦାର, ବୀରମିତ୍ରପୁର
୧୪.୦୮.୨୦